# କନ୍ଧମାଳ ଜିଲ୍ଲା ପରିଷଦ, ଫୁଲବାଣୀ

ପତ୍ର ସଂଖ୍ୟା.....362.....  ତାରିଖ .....21.8.18

ପ୍ରାପ୍ତେଷୁ,

କନ୍ଧମାଳ ଜିଲ୍ଲା ପରିଷଦର ସମସ୍ତ ସଭ୍ୟ/ସଭ୍ୟା
କନ୍ଧମାଳ ଜିଲ୍ଲାର ସମସ୍ତ ପଞ୍ଚାୟତ ସମିତି, ଅଧ୍ୟକ୍ଷ/ଅଧ୍ୟକ୍ଷା

**ବିଷୟ:** **କନ୍ଧମାଳ ଜିଲ୍ଲା ପରିଷଦର ଷଷ୍ଠ ଅଧିବେଶନ ଆହ୍ୱାନ ସମ୍ବନ୍ଧେ।**

ମହାଶୟ/ମହାଶୟା,

କନ୍ଧମାଳ ଜିଲ୍ଲା ପରିଷଦର ଷଷ୍ଠ ଅଧିବେଶନ ଆସନ୍ତା ତା-୦୩.୦୯.୨୦୧୮ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷ, କୋର୍ଟ ଛକ, ଫୁଲବାଣୀ ଠାରେ ଅନୁଷ୍ଠିତ ହେବ। ଅତଏବ ଆପଣଙ୍କୁ ଅନୁରୋଧ କରାଯାଉଛି ଯେ, ଆପଣ ଉକ୍ତ ଅଧିବେଶନରେ ନିର୍ଧାର୍ଯ୍ୟ ଦିନ ଓ ସମୟରେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିବେ।

**<u>ଆଲୋଚ୍ୟ କାର୍ଯ୍ୟକ୍ରମ</u>**

୧. ଜିଲ୍ଲାରେ ଚାଲିଥିବା ବିଭିନ୍ନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଉପରେ ଆଲୋଚନା। (Health)
୨. ଜିଲ୍ଲାରେ ଚାଲିଥିବା ବିଭିନ୍ନ କୃଷି କାର୍ଯ୍ୟକ୍ରମ ଉପରେ ଆଲୋଚନା। (Agriculture)
୩. ଜିଲ୍ଲାରେ ଚାଲିଥିବା ବିଭିନ୍ନ ଶିକ୍ଷା କାର୍ଯ୍ୟକ୍ରମ ଉପରେ ଆଲୋଚନା। (Education)
୪. ଚଳିତ ୨୦୧୮-୧୯ ଆର୍ଥିକ ବର୍ଷରେ ଚତୁର୍ଥ ରାଜ୍ୟ ଅର୍ଥ କମିଶନ ଦ୍ୱାରା ମଞ୍ଜୁରି ପ୍ରାପ୍ତ ପ୍ରଥମ କିସ୍ତି ଓ ଦ୍ୱିତୀୟ କିସ୍ତି ଅନୁଦାନରେ ବିଭିନ୍ନ ବ୍ଲକ ଦ୍ୱାରା ପ୍ରସ୍ତାବିତ ପ୍ରକଳ୍ପର ଖର୍ଚ୍ଚ ଓ ଏହାର ଅନୁମୋଦନ ସମ୍ପର୍କରେ ଆଲୋଚନା।
୫. ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ ବିଭାଜନ, ଫୁଲବାଣୀ/ବାଲିଗୁଡ଼ା ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଉପରେ ଆଲୋଚନା। (E.E. R.D.)
୬. ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ କୋଠାବାଡ଼ି ବିଭାଗ, ଫୁଲବାଣୀ/ବାଲିଗୁଡ଼ା ଙ୍କ ଦ୍ୱାରା ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଉପରେ ଆଲୋଚନା। (E.E. R & B)
୭. ସଭାପତିଙ୍କ ଅନୁମତି କ୍ରମେ ଅନ୍ୟାନ୍ୟ

ଆପଣଙ୍କ ବିଶ୍ୱସ୍ତ

ସଚିବ
କନ୍ଧମାଳ ଜିଲ୍ଲା ପରିଷଦ, ଫୁଲବାଣୀ

ପରିପତ୍ର ସଂଖ୍ୟା...363...                                        ତାରିଖ ...21.8.18...

ଏହାର ଏକକିତା ନକଲ କନ୍ଧମାଳ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କୁ ଇ-ମେଲ ଜରିଆରେ ପ୍ରେରଣ କରାଗଲା । ନୋଟିସ୍ ଜାରିକାରିବାରେ ସମୟ ସୀମାର ସ୍ୱଳ୍ପତା ଦୃଷ୍ଟିରୁ ତାଙ୍କ ଇଲାକାରେ ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା ଓ ପଞ୍ଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷା ମାନଙ୍କୁ ଏହି ନୋଟିସ୍ ପ୍ରାପ୍ତ କରାଇବାର ବନ୍ଦୋବସ୍ତ କରିବା ପାଇଁ ଅନୁରୋଧ ।

ସଚିବ

କନ୍ଧମାଳ ଜିଲ୍ଲା ପରିଷଦ, ଫୁଲବାଣୀ

ପରିପତ୍ର ସଂଖ୍ୟା...364...                                        ତାରିଖ ..................

ଏହାର ଏକକିତା ନକଲ ଜିଲ୍ଲା ପରିଷଦ ସଭାପତିଙ୍କ ବ୍ୟକ୍ତିଗତ ସହାୟକ/ ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକ/ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଫୁଲବାଣୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଗଲା ।

ସଚିବ

କନ୍ଧମାଳ ଜିଲ୍ଲା ପରିଷଦ, ଫୁଲବାଣୀ

ପରିପତ୍ର ସଂଖ୍ୟା...365...                                        ତାରିଖ ...21.8.18...

ଏହାର ଏକକିତା ନକଲ ଓଡ଼ିଶା ସରକାର ପଞ୍ଚାୟତ ରାଜ ବିଭାଗ ଉପ-ଶାସନ ସଚିବ, ଭୁବନେଶ୍ୱର/ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ସଚିବ, ବ୍ରହ୍ମପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସଚିବ

କନ୍ଧମାଳ ଜିଲ୍ଲା ପରିଷଦ, ଫୁଲବାଣୀ

ପରିପତ୍ର ସଂଖ୍ୟା...366...                                        ତାରିଖ ...21.8.18...

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ଗୋଚରାର୍ଥେ ପ୍ରେରଣା କରାଗଲା । ଏହା ସହିତ ଅନୁରୋଧ କରାଯାଉଅଛି କି, ନିର୍ଦ୍ଧାରିତ ଦିନ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ନିଜ ବିଭାଗର ତଥ୍ୟ ଉପସ୍ଥାପନ କରିବେ ।

ସଚିବ

କନ୍ଧମାଳ ଜିଲ୍ଲା ପରିଷଦ, ଫୁଲବାଣୀ